# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th May – 2026

***********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନରେ ସ୍ୱଷ୍ଟ ବହୁମତ ଆଡ଼କୁ ଅଗ୍ରସର ହେଉଛି ବି.ଜେ.ପି. ।

— ତାମିଲନାଡ଼ୁରେ ପ୍ରଥମ ଥରପାଇଁ ନିର୍ବାଚନ ଲଢୁଥିବା ଟି.ଭି.କେ. ଦଳ ୧୧୧ଟି ଆସନରେ ଆଗୁଆ ।

- ରାଜ୍ୟର ୭୯ ହଜାର ସୁଭଦ୍ରା ହିତାଧିକାରୀଙ୍କୁ ମିଳିଲା ୬୧ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ।

- ଅହମ୍ମଦାବାଦଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ନିବେଶକ ସମ୍ମିଳନୀ; ଯୋଗଦେବେ ମୁଖ୍ୟମନ୍ତ୍ରୀ ।

ଏବଂ

- କାଳବୈଶାଖୀଜନିତ ବର୍ଷା ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ।

***Desk***

# ବିଧାନସଭା ନିର୍ବାଚନ

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ୍, ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନର ଭୋଟ୍‌ଗଣତି ଚାଲିଛି। ଅପରାହ୍ନ ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ଘୋଷିତ ହୋଇଥିବା ୬୧ଟି ଆସନ ମଧ୍ୟରୁ ୪୮ଟିରେ ବି.ଜେ.ପି. ଏବଂ ୧୩ଟିରେ ତୃଣମୂଳ କଂଗ୍ରେସ ବିଜୟୀ ହୋଇସାରିଛି । ୧୫୩ଟି ଆସନରେ ବି.ଜେ.ପି. ଆଗୁଆ ଥିବାବେଳେ ୭୩ଟି ଆସନରେ ତୃଣମୂଳ କଂଗ୍ରେସ ଆଗୁଆ ରହିଥିବା ଜଣାପଡ଼ିଛି ।

ଆସାମରେ ବିଜେପି ତୃତୀୟ ଥରପାଇଁ ସରକାର ଗଠନ କରିବାକୁ ଯାଉଛି । ୧୨୬ଟି ଆସନ ମଧ୍ୟରୁ ଏପର୍ଯ୍ୟନ୍ତ ୮୬ଟି ଆସନରେ ଏନ୍.ଡି.ଏ. ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ସେଥିମଧ୍ୟରୁ ବି.ଜେ.ପି. ୬୨ଟି ଆସନ ହାସଲ କରିଛି ।

କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁ.ଡି.ଏଫ୍. ମେଣ୍ଟ ୫୫ଟି ଆସନରେ ବିଜୟ ଲାଭ କରିଥିବାବେଳେ ୮ଟିରେ ଆଗୁଆ ରହିଛି ।

ତାମିଲନାଡୁରେ ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ନେତୃତ୍ୱାଧୀନ ଟି.ଭି.କେ. ଦଳ ଇତିହାସ ରଚିଛି । ମୋଟ୍ ୨୩୪ଟି ଆସନ ମଧ୍ୟରୁ ଏପର୍ଯ୍ୟନ୍ତ ଟି.ଭି.କେ. ୭୫ଟି ଆସନରେ ବିଜୟଲାଭ କରିଥିବାବେଳେ ୩୩ଟି ଆସନରେ ଆଗୁଆ ରହିଛି । ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ

ନେତୃତ୍ୱାଧୀନ ଡି.ଏମ୍.କେ. ୯ଟି ଆସନ ଅକ୍ତିଆର କରିଥିବାବେଳେ ୪୯ଟିରେ ଆଗୁଆ ରହିଛି ।

୩୦ ଆସନ ବିଶିଷ୍ଟ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ୨୦ଟି ଆସନରେ ଫଳାଫଳ ଘୋଷିତ ହୋଇଛି । ଅଲ୍ ଇଣ୍ଡିଆ ଏନ୍ ଆର୍ କଂଗ୍ରେସ ୯ଟି ଆସନରୁ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ଆସନରେ ଆଗୁଆ ରହିଛି ।

ଗୁଜରାଟ, ତ୍ରିପୁରା ଓ ନାଗାଲାଣ୍ଡ ଉପନିର୍ବାଚନରେ ବି.ଜେ.ପି. ଗୋଟିଏ ଲେଖାଏଁ ଆସନ ହାସଲ କରିଥିବାବେଳେ କର୍ଣ୍ଣାଟକରେ କଂଗ୍ରେସ ବିଜୟୀ ହୋଇଛି ।

***Desk***

# ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସୁଭଦ୍ରା ଯୋଜନାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ଥିବା ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଟ୍ ୭୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନାରୁ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡ଼ିବାପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁଭଦ୍ରା ଯୋଜନା ରାଜ୍ୟରେ ମହିଳାମାନଙ୍କ

ଆର୍ଥିକ ସଶକ୍ତୀକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Voice (Pravati Parida)*** *:…….*

***Desk***

# ବାଚସ୍ପତି ସମ୍ମିଳନୀ

ବିଧାନସଭାଗୁଡ଼ିକର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆସନ୍ତାକାଲି ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ର ସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନ ବିଧାନସଭାଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ବିଧାନସଭାଗୁଡ଼ିକର କମିଟି ବ୍ୟବସ୍ଥା ଓ ଆଗାମୀ ଦିନରେ କିପରି ଏହାକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା ହେବ ।

***Desk***

# ଅଗ୍ନି ନିରାପତ୍ତା ସପ୍ତାହ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ସଚେତନତା ବୃଦ୍ଧି ନେଇ ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଆରମ୍ଭ ହୋଇଛି। ସପ୍ତାହେବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି

ସଚେତନତା ମୂଳକ କାର୍ଯ୍ୟକ୍ରମ ସ୍ୱରୂପ ଅଗ୍ନି ନିରାପତ୍ତା ସମ୍ବନ୍ଧିତ ମକ୍‌ଡ୍ରିଲ, କ୍ଷମତା ନିର୍ମାଣ ପଦକ୍ଷେପ, ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକା ପ୍ରସାର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

***HS***

# ସଡ଼କ ଦୁର୍ଘଟଣା

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଟାଙ୍ଗୀଛକ ସଡ଼କ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହା ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ ଜଣ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

***Desk***

# ନିବେଶକ ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଜୁରାଟର ଅହମ୍ମଦାବାଦରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ବିଭିନ୍ନ ଶିଳ୍ପ

କ୍ଷେତ୍ରରେ ନିବେଶକୁ ନେଇ ରହିଥିବା ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଯିବ ଏବଂ ବିଭିନ୍ନ ବୁଝାମଣାପତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାକ୍ଷରିତ ହେବ। ଏଥିସହ ଶିଳ୍ପ ପ୍ରତିନିଧି ଓ ସରକାରଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଠାରୁ ପ୍ରାୟ ଦେଢ଼ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଆସିଥିଲା। ହାଇଦ୍ରାବାଦ ସମ୍ମିଳନୀରେ ୧୩ଟି ବୁଝାମଣାପତ୍ର ଏବଂ କୋଲକାତା କାର୍ଯ୍ୟକ୍ରମରେ ୨୭ଟି ବୁଝାମଣାପତ୍ର ସରକାର ସ୍ୱାକ୍ଷରିତ କରିଥିଲେ।

***IPR***

## ସିମୁଲେସନ୍ ପରୀକ୍ଷାଗାର

ଭୁବନେଶ୍ୱର ଚନ୍ଦକାସ୍ଥିତ ଶକ୍ତି ତାଲିମ କେନ୍ଦ୍ରଠାରେ ଏକ ଅତ୍ୟାଧୁନିକ ଶକ୍ତି ବ୍ୟବସ୍ଥା ଆଧାରିତ ସିମୁଲେସନ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଛି । ଓଡ଼ିଶା ପାୱାର୍ ଟ୍ରାନ୍ସମିଶନ କର୍ପୋରେସନ୍ ଲିମିଟେଡ୍ - ଓ.ପି.ଟି.ସି.ଏଲ୍. ପକ୍ଷରୁ ପ୍ରସ୍ତୁତ ଏହି ପରୀକ୍ଷାଗାରକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ସିଂହଦେଓ କହିଛନ୍ତି, ଏହି ପରୀକ୍ଷାଗାର ଇଞ୍ଜିନିୟରଙ୍କୁ ଶକ୍ତିକ୍ଷେତ୍ରରେ ଭବିଷ୍ୟତ ଆହ୍ୱାନଗୁଡ଼ିକୁ ଆକଳନ କରିବାରେ ସହାୟକ ହେବ । ଶିଳ୍ପ, କୃଷି

ତଥା ଘରୋଇ ଉପଭୋକ୍ତାଙ୍କୁ ନିରନ୍ତର ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଏହା ସୁନିଶ୍ଚିତ କରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ଓ.ପି.ଟି.ସି.ଏଲ୍.ର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ନୂତନ ପରୀକ୍ଷାଗାର ପ୍ରସ୍ତୁତ କରାଯାଇଛି । ପରୀକ୍ଷାଗାରର ଉପଯୋଗ ମାଧ୍ୟମରେ ରାଜ୍ୟର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ଏବଂ ଅକ୍ଷୟ ଶକ୍ତି ସଂଯୋଗୀକରଣ କ୍ଷେତ୍ରରେ ଏକ ସୁଦୃଢ଼ ଓ ଭବିଷ୍ୟତ ଉପଯୋଗୀ ଟ୍ରାନ୍ସମିଟନ ନେଟ୍ୱାର୍କ ସୁନିଶ୍ଚିତ ହୋଇପାରିବ ବୋଲି ଓ.ପି.ଟି.ସି.ଏଲ୍. ପକ୍ଷରୁ କୁହାଯାଇଛି । ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଓ.ପି.ଟି.ସି.ଏଲ୍.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

*HS*

# ବୈତରଣୀ-କୋଚିଲା ଘେରିବନ୍ଧ

ବୈତରଣୀ-କୋଚିଲା ଘେରିବନ୍ଧର ନିର୍ମାଣ କାର୍ଯ୍ୟର ଆଜି ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗ ଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୂରଜ କହିଛନ୍ତି, ଏହି ଘେରିବନ୍ଧ ବନ୍ୟା ଦାଉରୁ ଧାମନଗର ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରିବ । ବୈତରଣୀ ଏବଂ କୋଚିଲା ନଦୀଦ୍ୱାରା ହସନାବାଦ, ପଧାନୀ, ଅର୍ଜୁନପୁର

ଏବଂ ଗୋପବନ୍ଧୁ ନଗର ଭଳି ଅଞ୍ଚଳରେ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏହା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ସୂରଯ କହିଛନ୍ତି ।

*Jajpur/R*

# ଖାଦ୍ୟ ପ୍ରତ୍ରିକ୍ରିୟାଜନିତ ଅସୁସ୍ଥ

ଯାଜପୁର ଜିଲ୍ଲାରେ ବିଷାକ୍ତ ଖାଦ୍ୟଜନିତ ପ୍ରତିକ୍ରିୟାରେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବା ୧୦୨ ଜଣଙ୍କ ମଧ୍ୟରୁ ୮୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଅନ୍ୟ ୧୯ ଜଣଙ୍କର ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଚାଲିଛି । ସେଥିମଧ୍ୟରୁ ୩ ଜଣ ଶିଶୁ ଓ୍ୱାର୍ଡ଼ ଏବଂ ୧୬ ଜଣ ବୟସ୍କ ଓ୍ୱାର୍ଡ଼ରେ ଚିକିତ୍ସିତ ହେଉଛନ୍ତି । ସ୍ୱତନ୍ତ୍ର ଡାକ୍ତରୀ ଦଳଦ୍ୱାରା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି । ଆତ୍ୟାବଶ୍ୟକ ଔଷଧ, ଓ.ଆର୍.ଏସ୍. ଏବଂ ଜରୁରୀକାଳୀନ ସେବାକୁ ସୁନିଶ୍ଚିତ କରିବାପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କଦ୍ୱାରା ଜିଲ୍ଲାରେ ଯାଞ୍ଚ୍ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଏନେଇ ଲୋକଙ୍କୁ ସଚେତନ କରାଯାଉଛି । ଆକ୍ରାନ୍ତ ଅଞ୍ଚଳରେ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ସୂଚନା ଦେଇଛି ।

***Bhadrak/R***

# ପ୍ରକଳ୍ପ ସମୀକ୍ଷା

ଭଦ୍ରକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମୀକ୍ଷା କରିଛନ୍ତି । ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠାଜଳସେଚନ, ସ୍ୱେରେଜ୍ ଆଦି କ୍ଷେତ୍ରରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Kandhamal/R***

# ଜିଲ୍ଲାପାଳ - କ୍ଷେତ୍ରୀୟ ସମୀକ୍ଷା

କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍‌ର ଦୁର୍ଗମ ବିଲାବାଡ଼ି ପଞ୍ଚାୟତକୁ ଜିଲ୍ଲାପାଳ ବେଦ ଭୂଷଣ କ୍ଷେତ୍ରୀୟ ସମୀକ୍ଷାରେ ଯାଇ ଲୋକଙ୍କ ସହ ମତ ବିନିମୟ କରିଛନ୍ତି । ସେଠାରେ ଥିବା ହସ୍ପିଟାଲ୍‌ରେ ଆବଶ୍ୟକ ପଦବି ପୂରଣ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

*Desk, Sambalpur, Kendrapara, Nayagarh, Bhadrak, Deogarh, Khurda/R*

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି ।

ସମ୍ବଲପୁର ଧନକଉଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ୪୬ଟି ଆବେଦନ ଉପରେ ଶୁଣାଣି କରାଯାଇଛି । ସେଥିରୁ ୨ଟିର ତତ୍କାଳ ସମାଧାନ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୭୨ଟି ଅଭିଯୋଗ ମଧ୍ୟରୁ ୯ଟିର ତତ୍କାଳ ସମାଧାନ କରାଯାଇଛି ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଶିବିରରେ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୩୬ଟି ଅଭିଯୋଗର ସମାଧାନ କରାଯାଇଛି ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୨୬ଟି ଅଭିଯୋଗର ଶୁଣାଣି ହୋଇଛି । ୫ ଜଣଙ୍କୁ ବିଭିନ୍ନ ଯୋଜନା ଅଧୀନରେ ୨୨ ହଜାର ୫ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ।

ଦେବଗଡ଼ ଜିଲ୍‌ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୪୪ଟି ଅଭିଯୋଗର ଶୁଣାଣି ହୋଇଛି ।

ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଶିବିରରେ ୯୩ଟି ଅଭିଯୋଗର ଶୁଣାଣି ହୋଇ ୬ଟିର ତତ୍କାଳ ସମାଧାନ କରାଯାଇଛି ।

*Desk*

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ସୂଚନା ଅନୁସାରେ ଆଜି ଅପରାହ୍ଣରେ ସାଢ଼େ ୨ଟା ସୁଦ୍ଧା ଝାରସୁଗୁଡ଼ାଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି :

***Voice (Manorama Mohanty_*** :………

******